## ଖୋଲିଲା ମା' ମଝିଘରିଆଣୀଙ୍କ ଦାନବାକ୍ସ





රାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର ଦାନହୁଣ୍ଡିରୁ ବୁଧବାର ବାହାରିଥିବା ନଗଦ ଟଙ୍କା ସହ ବିଦେଶୀ ନୋଟ୍ ଏବଂ ସୁନା ଓ ରୁପା ।

# ରାୟଗଡ଼ା ଜିଲା: କ୍ୱାକ୍‌ଙ୍କ ଭରସାରେ ରୋଗୀ

■ କ୍ୱାକ୍ ଚିକିତ୍ସା ବନ୍ଦ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ସତର୍କ କଲେ ହୁ' କର୍ତ୍ତୃପକ୍ଷ

■ ନକଲି ଡାକ୍ତରଙ୍କୁ ଧରିବାରେ ସ୍ୱାସ୍ଥ୍ୟ ବିଭାଗ ବିଫଳ

**ରାୟଗଡ଼ା,୨୪।୭(ଆଶିଷ ରଞ୍ଜନ ପଣ୍ଡା)**

ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ବିଭିନ୍ନ ରୋଗ ପିଛା ଛାଡୁନାହିଁ। ଏବେ ଜିଲାରେ ମ୍ୟାଲେରିଆ ଓ ଡାଇରିଆ ବ୍ୟାପିଥିବାବେଳେ କିଛିଦିନ ପୂର୍ବରୁ ଡିପ୍‌ଥେରିଆରେ ଆକ୍ରାନ୍ତ ହୋଇ ୪ଶିଶୁଙ୍କ ଜୀବନ ଯାଇଥିଲା। ହେଲେ ଜିଲାର ଅଧିକାଂଶ ଲୋକ କ୍ୱାକ୍‌ଙ୍କ ଚିକିତ୍ସାକୁ ଭରସା କରିଛନ୍ତି। ଆଗରୁ ଦୁର୍ଗମ ଏବଂ ଉପାନ୍ତ ଅଞ୍ଚଳରେ କ୍ୱାକ୍ ବା ନକଲି ଡାକ୍ତରଙ୍କ ଦ୍ୱାରା ଲୋକ ଚିକିତ୍ସା କରାଉଥିଲେ। କିନ୍ତୁ ଏବେ ରାୟଗଡ଼ା, ଗୁଣପୁର ଓ ଗୁଡ଼ାରି ସହରରେ କାୟାବିସ୍ତାର କରିଛନ୍ତି କ୍ୱାକ୍ ବା ନକଲି ଡାକ୍ତର ।

ସଚେତନତା ଅଭାବରୁ ଆଦିବାସୀ, ଅଶିକ୍ଷିତ ଲୋକେ ରୋଗର ଶିକାର ହେଲେ ପ୍ରଥମେ କ୍ୱାକ୍‌ଙ୍କ ନିକଟରେ ଚିକିତ୍ସା କରାଉଛନ୍ତି। ପରବର୍ତ୍ତୀ ସମୟରେ ରୋଗୀ ଗୁରୁତର ହେଲେ ମେଡିକାଲ ଆସୁଛନ୍ତି। କିନ୍ତୁ ଅତ୍ୟଧିକ ବିଳମ୍ବରେ ରୋଗୀ ମେଡିକାଲରେ ପହଞ୍ଚୁଥିବାରୁ ଅନେକ ସମୟରେ ମୃତ୍ୟୁବରଣ କରୁଥିବା ନଜିର ରହିଛି। କାଶୀପୁର ବ୍ଲକ୍‌ରେ ଡିପ୍‌ଥେରିଆ ବ୍ୟାପିବା ସମୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରତିନିଧି ସ୍ୱାସ୍ଥ୍ୟସେବା ଓ ରୋଗ ସମ୍ପର୍କରେ ବିଭିନ୍ନ ଗାଁ ବୁଲି ତଦାରଖ କରିଥିଲେ। କ୍ୱାକ୍ ଚିକିତ୍ସାକୁ ବନ୍ଦ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ବିଭାଗକୁ ସତର୍କ କରିଥିଲେ। କିନ୍ତୁ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏବେ ମଧ୍ୟ ଅନେକ ଗାଁରେ କ୍ୱାକ୍‌ଙ୍କ ରାଜୁତି ଚାଲିଛି। କୌଣସି କ୍ୱାକ୍‌ଙ୍କୁ ଧରିବାରେ ସ୍ୱାସ୍ଥ୍ୟ ବିଭାଗ ଏ ପର୍ଯ୍ୟନ୍ତ ସଫଳ ହୋଇନାହିଁ। ରାୟଗଡ଼ା ସହରଠାରୁ ଆରମ୍ଭକରି ଚନ୍ଦ୍ରପୁର, କଲ୍ୟାଣସିଂହପୁର, କୋଲନରା, ଗୁଡ଼ାରି, କାଶୀପୁର ବ୍ଲକ୍‌ର ଅନେକ ଗାଁରେ କ୍ୱାକ୍‌ମାନେ କ୍ଲିନିକ୍ ଖୋଲି ରୋଗୀଙ୍କ ଚିକିତ୍ସା କରିବା ସହ ଚଡ଼ାଦରରେ ମେଡିସିନ ବିକୁଛନ୍ତି । ଆବଶ୍ୟକ ସ୍ଥଳେ ସାଲାଇନ, ଇଞ୍ଜେକ୍ସନ ମଧ୍ୟ ଦେଉଛନ୍ତି । ଏଥିସହ ଚିକିତ୍ସା ଫି ଅଲଗା ନେଉଛନ୍ତି। ଏଭଳିକି ଔଷଧ ଦୋକାନରୁ ଇଞ୍ଜେକ୍ସନରେ ମିଶାଉଥିବା ଷ୍ଟେରାଇଲ ୱାଟର ମାତ୍ର ୪ ଟଙ୍କାରେ କିଣି ଏହାକୁ ଜ୍ୱର ଇଞ୍ଜେକ୍ସନ ଭାବେ ଲୋକଙ୍କୁ ଦେଇ ୧୦୦ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ଲୋକଙ୍କ ଘରକୁ ଯାଉଛନ୍ତି ଓ ରୋଗୀଙ୍କ ଚିକିତ୍ସା ମଧ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳ ଲୋକଙ୍କର ଡାକ୍ତରଙ୍କ ନିକଟରେ ଚିକିତ୍ସା କରାଇବା ପରିବର୍ତ୍ତେ କ୍ୱାକ୍‌ଙ୍କ ନିକଟରେ ଚିକିତ୍ସା ହେବାର ଅଭ୍ୟାସ ଥିବାରୁ ସେମାନଙ୍କ ନିକଟରେ ମ୍ୟାଲେରିଆ ଚିକିତ୍ସା କରୁଛନ୍ତି। ଆନ୍ଧ୍ରପ୍ରଦେଶରୁ ମଧ୍ୟ କେତେଜଣ କ୍ୱାକ୍ ସୀମାନ୍ତ ଗାଁଗୁଡ଼ିକରେ ଚିକିତ୍ସା କରୁଛନ୍ତି। ଅପରପକ୍ଷରେ କ୍ୱାକ୍ ଓ ବେଆଇନ କ୍ଲିନିକ୍ ସମ୍ପର୍କରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି କେହି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଏହି ବେଆଇନ କାରବାର ବନ୍ଦ ନ ହେଲେ ରୋଗୀଙ୍କ ରୋଗ କମିବା ବଦଳରେ ବଢ଼ିଚାଲିବ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲାଲମୋହନ ରାଉତରାୟ କହିଛନ୍ତି, ସମଗ୍ର ଜିଲାରେ ଏତେ ପରିମାଣରେ କ୍ୱାକ୍ ଅଛନ୍ତି ଯେ, ସେମାନଙ୍କୁ ଧରିବାକୁ କେବଳ ସେହି କାମ ହିଁ କରିବାକୁ ପଡ଼ିବ। ତଥାପି ଯେତିକି ସମ୍ଭବ ସେତିକି ଧରପଗଡ଼ କରୁଛୁ। କିଛିଦିନ ସେମାନେ କ୍ଲିନିକ୍ ବନ୍ଦ ରଖୁଛନ୍ତି ଓ ପୁଣି ଖୋଲୁଛନ୍ତି। ତେବେ ରାୟଗଡ଼ା ବ୍ଲକ୍‌ର ଜେମାଦେଇପେଣ୍ଠ, କୁମୁଟିପେଣ୍ଠ, ଜେକେପୁର ଏବଂ କୋଲନରା ଅଞ୍ଚଳ ସମେତ ଅମ୍ବାଦଳା, ମୁନିଗୁଡ଼ା, କଲ୍ୟାଣସିଂହପୁର ବ୍ଲକ୍‌ରେ ମାତ୍ରାଧିକ କ୍ୱାକ୍ ବେଆଇନ ଭାବେ କ୍ଲିନିକ୍ ଖୋଲିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ।

## ଗୁଣପୁର ଥେରୁବାଲି ରେଳପଥ ପ୍ରକଳ୍ପ ତ୍ୱରାନ୍ୱିତ ଦାବି

**ଗୁଣପୁର,୨୪।୭(ପ୍ରଦୀପ କୁମାର ପାଢୀ)**

ଗୁଣପୁର ଥେରୁବାଲି ରେଳପଥର ଡିପିଆର ପ୍ରସ୍ତୁତ ସରିଛି, ଜିପିଆର ମୁତାବକ ପ୍ରକଳ୍ପର ଅଟକଳ ମୂଲ୍ୟ ୧୧୬୫.୮୯ କୋଟି ରହିଥିବା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜବାବ ରଖିଛନ୍ତି। ବୁଧବାର ଲୋକ ସଭା ମୌସୁମୀ ଅଧିବେଶନରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ନୌପଡା ଗୁଣପୁର ଥେରୁବାଲି ରେଳପଥର ସ୍ଥିତି ସମ୍ପର୍କରେ ପ୍ରଶ୍ନର ଉତ୍ତରରେ ରେଳମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗୁଣପୁର ଥେରୁବାଲି ରେଳପଥ ପ୍ରକଳ୍ପକୁ ଦୀର୍ଘ ୭ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ପ୍ରକଳ୍ପର ଭାଗ୍ୟ ଆଗକୁ ବଢିପାରୁନାହିଁ। ଏପରିକି ଏହି ରେଳପଥ ପିଏମ୍ ଗତିଶକ୍ତି ଯୋଜନାରେ ସାମିଲ ହୋଇଥିଲେ ମଧ୍ୟ ରେଳପଥ ଅନିଶ୍ଚିତତା ମଧ୍ୟ ଦେଇ ଗତି କରୁଛି। ସମୟ ବଢିବା ସହ ପ୍ରକଳ୍ପର ଖର୍ଚ୍ଚ ପରିମାଣ ବର୍ତ୍ତମାନ ୧୧୬୫.୮୯ କୋଟି ଟଙ୍କାରେ ପହଞ୍ଚିଛି। ସେବେଠାରୁ ନୌପଡା ଗୁଣପୁର ଥେରୁବାଲି ରେଳପଥ ନାମରେ ପ୍ରତି ବଜେଟରେ ଅଳ୍ପ ଲେଖାଏ ପରିମାଣରେ ଅନୁଦାନ ପ୍ରଦାନ ହୋଇ ଚାଲିଛି । ବଡ ଧରଣର ଅନୁଦାନ ଆସୁ ନ ଥିବାରୁ ଗୁଣପୁର-ଥେରୁବାଲି ରେଳପଥର ଭାଗ୍ୟ ସୁତା ଖିଅରେ ଝୁଲି ରହିଥିବା ଆଲୋଚନା ହେଉଛି। ଏହି ରେଳପଥ ନେଇ ଅନେକ ଥର ବିଭିନ୍ନ ସଂଗଠନ ସହ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ରେଳପଥ ନିର୍ମାଣ ହେଲେ ଅଞ୍ଚଳର ବିକାଶ ହେବା ସହ ବ୍ରହ୍ମପୁର ସହ ରାୟଗଡା ଏବଂ ଅନ୍ୟ ଅଞ୍ଚଳକୁ ଯୋଗାଯୋଗରେ ସୁବିଧା ହୋଇପାରିବ । ରେଳ ବିଭାଗ ମଧ୍ୟ ଏହା ଦ୍ୱାରା ଲାଭାନ୍ୱିତ ହେବେ । ଅଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ବିକାଶର ବେଗ ବଢିପାରିବ । ଏପରି ସ୍ଥିତିରେ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ସାଧାଣରେ ମତ ପ୍ରକାଶ ପାଇଛି।

## ପିତୃମାତୃ ଦିବସ ପାଳନ




ଅତିଥିଙ୍କ ଗହଣରେ ଛାତ୍ରୀମାନେ।

**ଟିକିରି,୨୪।୭ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ପିତୃମାତୃ ଦିବସ ପାଳିତ ହୋଇଯାଇଛି। ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ସହଯୋଗିତାରେ ଏହି କାର୍ଯ୍ୟକ୍ରମରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା କ୍ଲଷ୍ଟର ସିଏସ୍‌ଆର ମୁଖ୍ୟ ଶିବଶଙ୍କର ମହାପାତ୍ର, ଫଙ୍କସନ୍ ସିଏସ୍‌ଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, ସିଏସ୍‌ଆର ଆସିଷ୍ଟାଣ୍ଟ ମ୍ୟାନେଜର ସତ୍ୟଭାମା ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ପାତ୍ର, ଉପସଭାପତି ସନ୍ତୋଷୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପିତାମାତାଙ୍କ ପ୍ରତି ସନ୍ତାନର କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ବିଷୟରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଆୟୋଜିତ ସର୍ବ କନିଷ୍ଠ, କନିଷ୍ଠ, ବରିଷ୍ଠସ୍ତରୀୟ ତର୍କ ପ୍ରତିଯୋଗିତା ଆୟୋଜିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷା ବକୁଳରାଣୀ ଦାସଙ୍କ ଅଧକ୍ଷତାରେ ରଞ୍ଜିତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଣେଶ ସେଠୀ, କ୍ରିଷ୍ଣାବେଣୀ ଭାଟି, ପଙ୍କଜ ଷଡ଼ଙ୍ଗୀ, ସରୋଜ ନାୟକ,ମୋନାଲିସା ଶତପଥୀ, ସାଗରିକା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ରାମକ ରୋଗରୁ ସୁରକ୍ଷା ପାଇଁ ସଚେତନତା

**ଚନ୍ଦ୍ରପୁର,୨୪।୭ (ବିଜୟ ପ୍ରସାଦ ଉଲାକା)**

ରାୟଗଡ଼ା ଜିଲା ଜନଜାଗରଣ ମଞ୍ଚ ପକ୍ଷରୁ ଚନ୍ଦ୍ରପୁର ବ୍ଲକରେ ସ୍ୱାସ୍ଥ୍ୟ ସଚେତନତା କ୍ୟାମ୍ପ ଅନୁଷ୍ଠିତ ହେଉଛି। ଜିଲା ଟିମ ଲିଡର ଦିବାକର ଶବର ନିଜ ସହଯୋଗୀଙ୍କ ସହ ପ୍ରତି ପଞ୍ଚାୟତ ବୁଲି ଲୋକଙ୍କୁ ବର୍ଷା ସମୟରେ ଦେଖା ଦେଉଥିବା ବିଭିନ୍ନ ସଂକ୍ରାମକ ରୋଗରୁ କିଭଳି ସୁରକ୍ଷା ମିଳିବ ସେ ସମ୍ପର୍କରେ ସଚେତନ କରୁଛନ୍ତି। ମଙ୍ଗଳବାର ହନୁମନ୍ତପୁର, ବୁଦୁବାଲି, ଚନ୍ଦ୍ରପୁର ପଞ୍ଚାୟତକୁ ଯାଇ ଲୋକଙ୍କୁ ସଚେତନ କରିଥିଲେ। ଜିଲାରେ ଏବେ ମ୍ୟାଲେରିଆ ବ୍ୟାପିଥିବାବେଳେ ଗ୍ରାମରେ ଲୋକଙ୍କ ନିକଟରେ ମଶାରୀ ନାହିଁ, ବ୍ଲିଚିଂ ପାଉଡ଼ର ଗାଁକୁ ପହଞ୍ଚି ନାହିଁ। ବହୁତ ଗାଁରେ ଲୋକେ ନଳକୂପରୁ ବାହାରୁଥିବା ଗୋଳିଆ ପାଣି ବ୍ୟବହାର କରୁଥିବା ଦିବାକର ଅଭିଯୋଗ କରିଛନ୍ତି। ଚନ୍ଦ୍ରପୁର ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବ୍ଲକ କମିଟି ସଭାପତି ଜୋସ୍ନାରାଣୀ ଗଗେରଙ୍ଗା, ବୁଦ୍ଧୁ ବାଲି, ଡାଙ୍ଗସୋରଡ଼ା ସମ୍ପାଦକ ସତ୍ୟ ନାରାୟଣ ପ୍ରତିକା ପ୍ରମୁଖ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବାକୁ ବିଡିଓଙ୍କ ପରାମର୍ଶ

### ବ୍ଲକ୍‌ସ୍ତରୀୟ ଟାସ୍କଫୋର୍ସ ଗଠନ




ବୈଠକରେ ବିଡିଓ ଏବଂ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ପଦ୍ମପୁର,୨୪।୭ (ପ୍ରଶାନ୍ତ କୁମାର କର)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ବର୍ଷା ଋତୁ ଯୋଗୁ ସମଗ୍ର ଅଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଭଳି ସଂକ୍ରାମକ ରୋଗ ବ୍ୟାପିବା ସମ୍ଭାବନାକୁ ଦୃଷ୍ଟିରେ ରଖିବା ସହ ଏଭଳି ରୋଗକୁ ପ୍ରତିହତ କରିବାକୁ ବ୍ଲକ୍‌ସ୍ତରୀୟ ଟାସ୍କଫୋର୍ସ ଗଠିତ ହୋଇଥିଲା। ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବାକୁ ବିଡିଓ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ସେହିପରି ଛୋଟ ଶିଶୁମାନଙ୍କର ସୁରକ୍ଷା ନିମନ୍ତେ ଶିଶୁ ବିକାଶ ଅଧିକାରୀମାନେ ଶିଶୁଙ୍କ ଖାଦ୍ୟ ନିରାପତ୍ତା ସହ ହାଇଜିନ ମେଣ୍ଟେନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସ୍କୁଲର ଛାତ୍ରୀଛାତ୍ର କିଭଳି ସଂକ୍ରାମକ ରୋଗରୁ ସୁରକ୍ଷିତ ରହିବେ ତା' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗର 'ଦମନ' ପ୍ରକ୍ରିୟା ସହ ମ୍ୟାଲେରିଆ ଓ ଡେଙ୍ଗୁ ଜ୍ୱର, ଡାଇରିଆ, ମିଳିମିଳା ନିରାକରଣ ଟିକା ଓ ଅନ୍ୟାନ୍ୟ ରୋଗରୁ ମୁକ୍ତି ପାଇଁ ଘରେ ଘରେ ମଶାରି ଟାଣି ଶୋଇବା ଓ ବାସିଖାଦ୍ୟରୁ ଲୋକଙ୍କୁ ନିବୃତ ରହିବାକୁ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ଲୋକଙ୍କୁ ସଚେତନ କରାଇବାକୁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ପଦ୍ମପୁର ଗୋଷ୍ଠୀ ଶିକ୍ଷା ବିଭାଗ ଅଧିକାରୀ ହୃଷୀକେଶ ରଥ, ମଙ୍ଗଳ ଅଧିକାରୀ ସସ୍ମିତା ରଥ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଋତୁପର୍ଣ୍ଣା ପଟ୍ଟନାୟକ,ବିପିଓ ମନୋଜ କୁମାର ପଣ୍ଡା, ପବ୍ଲିକ ହେଲ୍‌ଥ ଅଫିସର ସଫିରା ରାଇକା, ସୁବାସ ଚନ୍ଦ୍ର ସାହୁ, ଉଦୟ ଚନ୍ଦ୍ର ଶବର, ମ୍ୟାଲେରିଆ ନିରାକରଣ ଅଫିସର ଜୟଦେବ ନିମାଲପୁରୀ, ଡାକ୍ତର ଓ ଅନ୍ୟ ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ।

## ବୀମା ରାଶି ପ୍ରଦାନକଲେ ବିଡିଓ

**ଗୁଡାରି, ୨୪।୭ (ପ୍ରମୋଦ କୁମାର ପତି)**

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ ଅନ୍ତର୍ଗତ ଶିରୀଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ମାଧ୍ୟମରେ ମୃତକଙ୍କ ପରିବାରକୁ ବୀମା ରାଶି ପ୍ରଦାନ କରାଯାଇଛି। ଗୁଡାରି ବିଡିଓ ଅନିଶା ଦାସ ସିରିଗୁଡା ପଞ୍ଚାୟତ ଅଧୀନ ଗାଜିଗୁଡା ଗ୍ରାମ ନିବାସୀ ଏସ୍‌ଏଚ୍‌ଜି ସଦସ୍ୟା ସ୍ୱର୍ଗତ ମୁକ୍ତା ଶବରଙ୍କ ଅକାଳ ବିୟୋଗ ପରେ ତାଙ୍କ ସ୍ୱାମୀଙ୍କୁ ଏକାକାଳୀନ ୨ ଲକ୍ଷ ବୀମା ରାଶି ଶିରିଗୁଡା ୟୁଜିବି ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଶାଖା ପରିଚାଳକ, ବିପିଏମ୍ ମାନସ ବାରିକ ଏବଂ ବ୍ୟାଙ୍କ ମିତ୍ର ଓ ଗୋଷ୍ଠୀ ସହାୟିକାମାନେ ଉପସ୍ଥିତ ଥିଲେ।



## ପେଟ୍ରୋଲ ଢାଳି ଆତ୍ମହତ୍ୟା ସନ୍ଦେହ

**ରାୟଗଡ଼ା,୨୪।୭(ଆଶିଷ ରଞ୍ଜନ ପଣ୍ଡା)**

ଜଣେ ୬୫ ବର୍ଷୀୟ ବ୍ୟକ୍ତି ନିଜ ଶରୀରରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ କେଉଁ କାରଣରୁ ବୃଦ୍ଧ ଜଣଙ୍କ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି ସେ ନେଇ ରାୟଗଡ଼ା ପୋଲିସ ତଦନ୍ତ ଆରମ୍ଭ କରିଛି । ସୂଚନା ମୁତାବକ ରାୟଗଡ଼ ସହର ଡିଆଇସି ଅଫିସ ନିକଟରେ ରହୁଥିବା ବୃଦ୍ଧ ପି .ମୁରଲୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିଛନ୍ତି । ସେ ଡିଆଇସି ଛକ ନିକଟରେ ପେଟ୍ରୋଲ ବିକି ନିଜ ପରିବାର ଗୁଜୁରାଣ କରୁଥିବା ବେଳେ ତାଙ୍କର ୨ ପୁଅ ଅଛନ୍ତି । ସ୍ତ୍ରୀ ଦିନ ମଜୁରିଆ ଭାବେ କାମ କରୁଛନ୍ତି। ମୁରଲୀ ଜଣେ ଶାନ୍ତ, ସରଳ ସ୍ୱଭାବର ବ୍ୟକ୍ତି ହୋଇଥିବା ବେଳେ ତାଙ୍କର କାହାରି ସହ ଶତ୍ରୁତା ନ ଥିଲା ବୋଲି ତାଙ୍କ ସ୍ତ୍ରୀ ପ୍ରକାଶ କରିଛନ୍ତି ।



ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛି। ତଦନ୍ତ ପରେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଆଇଆଇସି କେକେବିକେ କହିଁର ସୂଚନା ଦେଇଛନ୍ତି।

## ଗୋବନ୍ଧ୍ୟା ନିରାକରଣ ସଚେତନତା କର୍ମଶାଳା

**ଗୁଣପୁର, ୨୪।୭(ପ୍ରଦୀପ କୁମାର ପାଢ଼ୀ )**

ରାୟଗଡ଼ା ଜିଲା ଗୁଣପୁର ଟାଉନ ହଲ୍‌ଠାରେ ଗୋବନ୍ଧ୍ୟା ନିରାକରଣ ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରାଣୀଧନ ଜାଗୃତି ଅଭିଯାନ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ନିର୍ଦ୍ଦେଶକ ଡ. ମିହିର କୁମାର ନାୟକ, ସମ୍ମାନିତ ଅତିଥି ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ନରେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ପ୍ରାଣୀ ମଙ୍ଗଳ) ଡା. ବିପ୍ରଚରଣ ବେହେରା, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ( ପ୍ରାଣୀ ଉତ୍ପାଦନ) ପ୍ରବୀର କୁମାର ମହାପାତ୍ର, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଆଲୋକ କୁମାର ଆଚାର୍ଯ୍ୟ, ଅଶୋକ କୁମାର ବେହେରା,ବିରଞ୍ଚି ନାରାୟଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବରାଜ ନାୟକ ସଭାପତିତ୍ୱ କରିଥିଲେ । ଡା. ଚମ୍ପେଶ୍ୱର ବର୍ତ୍ତିଆ ସ୍ୱାଗତ ଭାଷଣ ପ୍ରଦାନ ଦେଇଥିବା ବେଳେ ଡା. ରାଧେଶ୍ୟାମ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ବିଷ୍ଣୁ ଚରଣ ଶବର, ପାର୍ଥସାରଥି ସ୍ୱାଇଁ, ସତ୍ୟନାରାୟଣ ଜେନା, ରଞ୍ଜନ କୁମାର ପାଢ଼ୀ, ସିଦ୍ଧାର୍ଥ ଶଙ୍କର ସାବତଙ୍କ ସମେତ ପ୍ରାଣୀ ବିଭାଗ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଗୁଣପୁର ସମେତ ଆଖପାଖ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ। ଗୋବନ୍ଧ୍ୟା ନିରାକରଣ କିପରି କରାଯିବ, ଏଥିସହ ରୋଗ ନିରାକରଣ କିପରି କରାଯିବ ସେ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଯାଇଥିଲା ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଗୁରୁତ୍ୱ

### ମୁନିଗୁଡ଼ା ଭାଜପାର ମଣ୍ଡଳସ୍ତରୀୟ ସମୀକ୍ଷା ବୈଠକ

**ମୁନିଗୁଡ଼ା,୨୪।୭ (ନନ୍ଦ କିଶୋର ପଟ୍ଟନାୟକ)**

ରାୟଗଡ଼ା ଜିଲା ମୁନିଗୁଡ଼ାର ସୌଣ୍ଡିକ ମଙ୍ଗଳ ଭବନ ପରିସରରେ ମୁନିଗୁଡ଼ା ଭାଜପାର ମଣ୍ଡଳସ୍ତରୀୟ ସମୀକ୍ଷା ଓ ମତଦାତା ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଜଗା ଶବରଙ୍କ ସଭାପତିତ୍ୱ ଓ ଆଗୁଳ ସମିତି ସଭ୍ୟ ସୁବାସ ପ୍ରାସ୍କାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, ବିଷମକଟକ ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁକା, ଜିଲା ଭାଜପା ଉପସଭାପତି ଦୁର୍ଯ୍ୟୋଧନ ପାଳ,ବରିଷ୍ଠ ଭାଜପା ନେତା ସୁବାସ ଚନ୍ଦ୍ର ବକ୍ସିପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ,ଗରିବ ଶ୍ରେଣୀର ଲୋକମାନେ କିପରି ସରକାରଙ୍କ ସମସ୍ତ ଯୋଜନାରୁ ଲାଭାନ୍ୱିତ ହେବେ ଏବଂ ସମସ୍ତେ ଏକତ୍ରିତ ହୋଇ ଦଳ ପାଇଁ ଓ ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟକଲେ ସ୍ଥାନୀୟ ଅଞ୍ଚଳର ଉନ୍ନତି ହେବ ବୋଲି ପ୍ରକାଶ କରିଥିଲେ। ଏଥିସହ ଦଳର ବରିଷ୍ଠ ନେତାମାନେ କାର୍ଯ୍ୟକର୍ତ୍ତାମାନଙ୍କ ସହ ଗତ ସାଧାରଣ ନିର୍ବାଚନରେ ଦଳର ପ୍ରଦର୍ଶନ ଉପରେ ଆଲୋଚନା କରିଥିଲେ। ଏଥିସହ ଯେଉଁ ପଞ୍ଚାୟତ ଅବା ବୁଥ୍‌ରେ ଦଳର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ନ ଥିଲା, ସେହି କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ସେସବୁ ଅଞ୍ଚଳରେ କିପରି ଦଳର ପ୍ରଦର୍ଶନ ଭଲ କରିବ ଦଳୀୟ କାର୍ଯ୍ୟକର୍ତ୍ତା, ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତ୍ରିନାଥ ପଣ୍ଡା, ଜିଲା ସମ୍ପାଦକ ସୁଶୀଳା ସରାଫ,ବେଣୁଧର ଗାଡାକା, ସାଇରାମ ପଟ୍ଟନାୟକ, ସୀମାଦ୍ରି ପାତ୍ର, କାଳୀଚରଣ ତ୍ରିପାଠୀ, ଜଗନ୍ନାଥ ପାଢ଼ୀ, ରୁଦ୍ର ପ୍ରସାଦ ମୁଗୁଲି, ମୀନ ଗୌଡ଼, ଗରିବ ଗରାଡିଆ, ସର୍ବେଶ୍ୱର ସୁନା, ଭୀମ ବେହେରା, ସୁବାସ ଗୌଡ଼, ପଦ୍ମ ବେହେରା, ସୁନ୍ଦର ରାଜୁ, ଧନୁ କୁଶୁଲିଆ, ରଞ୍ଜନ ସାହୁକାର, ଜି.ରାବଣା, ସୁମନ ପେରିସିକା, ଭଗବାନ ବନଛୋର ପ୍ରମୁଖଙ୍କ ସମେତ ମଣ୍ଡଳର ୮ଟି ପଞ୍ଚାୟତର ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା, ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ। ମଣ୍ଡଳ ସଭାପତି ଜଗା ଶବର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ସମୀକ୍ଷା ବୈଠକରେ ଉପସ୍ଥିତ ଭାଜପା ନେତା ।

# ସପ୍ତାହକରେ ୧୬୫ ପରିବାର ବେଘର





ଲଗାଣ ବର୍ଷାରେ କୋରାପୁଟ ବ୍ଲକର ମାନବାର ଗ୍ରାମ, ଜୟପୁରରେ ଜଣେ ବ୍ୟକ୍ତିଙ୍କ ଘର ଭୁଶୁଡିଥିବା ବେଳେ ଦଶମନ୍ତପୁରରେ ଗ୍ରାମବାସୀଙ୍କ ଭୁଶୁଡ଼ିପଡ଼ିଥିବା ଘରର କାନ୍ଥ।

କୋରାପୁଟ/ଜୟପୁର/ଦଶମନ୍ତପୁର, ୨୪।୭(ଅମିତାଭ ବେହେରା/ପବନ ପାଣିଗ୍ରାହୀ/ଅରବିନ୍ଦ ନାୟକ )

କୋରାପୁଟ ଜିଲାରେ ଗତ ଏକ ସପ୍ତାହ ଧରି ଲଗାଣ ବର୍ଷା ଲାଗିରହିଛି। ଏଥିରେ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ବୁଧବାର ସୁଦ୍ଧା ସପ୍ତାହକ ମଧ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷାରେ ୧୫୦ ପରିବାରର ଘର ଭାଙ୍ଗିଥିବା ଜଣାଯାଇଛି। ବୁଧବାର ସୁଦ୍ଧା କୋରାପୁଟ ବ୍ଲକରେ ୨ଟି, ଲମତାପୁଟ ବ୍ଲକରେ ୧୭ଟି, ପଟ୍ଟାଙ୍ଗି, ସେମଲିଗୁଡା ଓ ଜୟପୁର ବ୍ଲକରେ ଗୋଟିଏ ଲେଖାଏ, କୋଟପାଡ଼ ବ୍ଲକରେ ୬ଟି , ନନ୍ଦପୁର ବ୍ଲକରେ ୪ଟି, ଦଶମନ୍ତପୁର ଓ କୁନ୍ଦୁରା ବ୍ଲକରେ ୬ଟି ଲେଖାଏ, ବୈପାରିଗୁଡା ବ୍ଲକରେ ୯ଟି ପରିବାରର ଘର ଆଂଶିକ ଭାଙ୍ଗିଥିବା ବେଳେ ଲକ୍ଷ୍ମୀପୁର ବ୍ଲକରେ ଗୋଟିଏ ଘର ସମ୍ପୂର୍ଣ ଭାଙ୍ଗିଥିବା ଜଣାପଡିଛି। ତେବେ ମଙ୍ଗଳବାର ସୁଦ୍ଧା ବନ୍ଧୁଗାଁ, ନାରାୟଣପାଟଣା ଓ ବୋରିଗୁମା ବ୍ଲକକୁ ଛାଡି ଅନ୍ୟ ସମସ୍ତ ବ୍ଲକରେ ଅଳ୍ପ ବହୁତ ଶହେ ଘର ଆଂଶିକ ଭାଙ୍ଗିଛି। ଦୁଇଟି ଗୁହାଳ ଘର ନଷ୍ଟ ହୋଇଛି। ବୁଧବାର ସୁଦ୍ଧା ଜିଲାରେ ମୋଟ ୧୪୯ଟି ଆଂଶିକ ଓ ଗୋଟିଏ ଘର ସମ୍ପୂର୍ଣ୍ଣ ଭାଙ୍ଗିଛି। ୨ଟି ଗୁହାଳ ଭାଙ୍ଗିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସମସ୍ତ ହିତାଧିକାରୀଙ୍କୁ ପଲିଥିନ ପ୍ରଦାନ କରାଯାଇଥିବା ଜିଲା ଜରୁରୀ ବିଭାଗ ପ୍ରକାଶ କରିଛି। ଜୟପୁର ଓ ଦଶମନ୍ତପୁର ବ୍ଲକରେ ୧୫ ପରିବାରଙ୍କ ଘର ଭାଙ୍ଗିଛି। ଜୟପୁରରେ ଜଣେ ବ୍ୟକ୍ତିଙ୍କ ଘର ଭୁଶୁଡିଥିବା ବେଳେ ଦଶମନ୍ତପୁର ବ୍ଲକରେ ଜଣେ ବ୍ୟକ୍ତିଙ୍କ ଘର କାନ୍ଥ ଭାଙ୍ଗିଛି। ଜୟପୁର ତହସିଲ ଅଞ୍ଚଳରେ ଲଗାଣ ବର୍ଷାରେ ୨ ଦିନରେ ୯ଟି ଘର ଭାଙ୍ଗିଛି। ତହସିଲର କଙ୍ଗା ଗ୍ରାମରେ ଗୋଟିଏ, ବାଲିଆ ଗ୍ରାମରେ ୫ଟି, ପାଞ୍ଜୁଣି ଗ୍ରାମରେ ଗୋଟିଏ, ଜୟନ୍ତିଗିରି ତାଳଗୁଡା ଗ୍ରାମରେ ଗୋଟିଏ ଓ ବାୟାଗୁଡା ଗ୍ରାମରେ ଗୋଟିଏ ଘର ଭାଙ୍ଗିଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ସେହିପରି ଦଶମନ୍ତପୁର ବ୍ଲକ୍‌ର ୩ ପଞ୍ଚାୟତରେ ୬ ପରିବାରର ଘର କାନ୍ଥ ବର୍ଷାରେ ଭୁଶୁଡ଼ି ପଡ଼ିଛି। ଫଳରେ ଏହି ୬ ପରିବାର ବେଘର ହୋଇ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। କ୍ଷତିଗ୍ରସ୍ତ ପରିବାର ହେଲେ ପାଇକ ଫୁଲବେଡ଼ା ପଞ୍ଚାୟତ ଓଡ଼ପୁର ଗ୍ରାମର ପ୍ରେମ ଗୌଡ଼, ବତୀ ଗୌଡ଼ ଏବଂ ଭାଗବାନ ଗୌଡ଼। ଏହି ୩ଜଣଙ୍କ ଘର ଲଗାଣ ବର୍ଷାରେ ଆଂଶିକ ଭାବେ ଭୁଶଡ଼ିଛି। ସେହିପରି ମାଝିଗୁଡ଼ା ଗ୍ରାମର ସନିଆ ହନ୍ତାଳଙ୍କ ଘର କାନ୍ଥ ମଧ୍ୟ ବର୍ଷାରେ ଭୁଶୁଡ଼ି ସନିଆ କ୍ଷତିଗ୍ରସ୍ତ ହୋଇଛନ୍ତି। ଗିର୍ଲିଗୁମ୍ମା ପଞ୍ଚାୟତ ତରଳାଘାଟ ଗ୍ରାମର ରାଜେନ୍ଦ୍ର ବାଘଙ୍କ ଘର ଓ ଚଣାବାଡ଼ ପଞ୍ଚାୟତ କତ୍ରାଆମ୍ବ ଗ୍ରାମର ଚିତ୍ରସେନ ମୁଦୁଲିଙ୍କ ଘର ବର୍ଷାରେ କାନ୍ଥ ଭୁଶୁଡ଼ି ପଡ଼ିଥିବା ଆର୍‌ଆଇ ରିଙ୍କୁ ବୁରୁଡ଼ି କହିଛନ୍ତି। ସରପଞ୍ଚ ମହେଶ୍ୱର ଗଦବା ଏବଂ ଆର୍‌ଆଇ ଶମ୍ଭୁ ଭତ୍ରା ଓଡ଼ପୁର ଗ୍ରାମରେ ପହଞ୍ଚି ବିପଦସଙ୍କୁଳ ଘରେ ଥିବା ଭାଗବାନ ଗୌଡ଼ଙ୍କ ପରିବାରକୁ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରକୁ ସ୍ଥାନାନ୍ତର କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଜଗୁ ପୂଜାରୀଙ୍କୁ ପଚାରିବାରୁ ସେ ବିପନ୍ନ ପରିବାରଙ୍କୁ ଜରୁରୀ ସହାୟତା ରୂପେ ପଲିଥିନ ଯୋଗାଇ ଦେଇଛନ୍ତି। କ୍ଷୟକ୍ଷତି ଆକଳନକରି ଜିଲା ଜରୁରିକାଳୀନ କାର୍ଯ୍ୟାଳୟକୁ ପଠାଯିବ। ଜିଲା ପ୍ରଶାସନର ନିଷ୍ପତ୍ତିକ୍ରମେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ବ୍ୟବସ୍ଥା ହେବ ବୋଲି ପୂଜାରୀ କହିଛନ୍ତି।

## ‘କମଳାଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ’

### ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଶ୍ରଦ୍ଧାଞ୍ଜଳି

ଜୟପୁର,୨୪।୭(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସ୍ୱର୍ଗତ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ୭୬ ବର୍ଷ ବୟସରେ କମଳାଙ୍କ ଗତ ୨୦ ତାରିଖରେ ପରଲୋକ ହୋଇଥିଲା। ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କମଳାଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ। ସେ କେବଳ କୋରାପୁଟ ନୁହେଁ ବରଂ ସମଗ୍ର ଓଡ଼ିଶା ପାଇଁ ଅନୁସରଣୀୟ ବୋଲି କହିଥିଲେ। ଏହି ଅବସରରେ ଜିଲାପାଳ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନସ୍ଥିତ କେନ୍ଦ୍ରୀୟ ବିହନ ପାଣ୍ଠିକୁ ପଦ୍ମଶ୍ରୀ କମଳା ପୂଜାରୀଙ୍କ ନାମରେ ନାମିତ କରି ଉଦ୍‌ଘାଟନ କରି ଚାଷୀମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଥିଲେ। ଏଥିରେ ପ୍ରତିଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଶାନ୍ତ ପରିଡା ଯୋଗଦେଇ କମଳାଙ୍କ ଯାତ୍ରା ତଥା ଦେଶୀ ବିହନ ସଂରକ୍ଷଣ, ପ୍ରଚାର ଓ ପ୍ରସାର ଦିଗରେ ତାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଉପଜିଲାପାଳ ପ୍ରଭାତ ପରିଡ଼ା, ଅତିରିକ୍ତ ଜିଲା କୃଷି ଅଧିକାରୀ ଲୋଇଚନ ଚରଣ ମାଝି, ରାଜ୍ୟ ବିହନ ନିଗମର ଜୋନାଲ ମ୍ୟାନେଜର ଶିତିକାନ୍ତ ଦାସ, ଅତିରିକ୍ତ ଜିଲା ଉଦ୍ୟାନ ବିଭାଗ ଅଧିକାରୀ ସଞ୍ଜୀବ ମହନ୍ତ, ଜିଲା ମତ୍ସ୍ୟ ଅଧିକାରୀ ତ୍ରିବେଣୀ ପାତ୍ର, ମାଣ୍ଡିଆ ରାଣୀ ରାଇମତି ଘିଉରିଆ, ନେତ୍ରାନନ୍ଦ ଲେଙ୍କା, କାର୍ତ୍ତିକ ଚରଣ ଲେଙ୍କାଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କମଳାଙ୍କ ସ୍ମୃତିଚାରଣ କରିଥିଲେ।

## ପୌର ପ୍ରଶାସନକୁ କର୍ମଚାରୀ ଚିନ୍ତା

■ଅଧିକାରୀ, କର୍ମଚାରୀ ରହୁଥିବା ଅଞ୍ଚଳରେ ଛଡ଼ାଯାଉଛି ମଶାଧୂଆଁ
■ପଡୁଛି ବ୍ଲିଚିଂ,ଅନ୍ୟ ଆଡ଼େ ନାହିଁ



ସୁନାବେଡ଼ା/ସେମିଳିଗୁଡ଼ା, ୨୪।୭(କୃତ୍ତିବାସ ପ୍ରଧାନ /ବାସୁଦେବ ବରାଡ଼)

କିଛି ଦିନ ହେବ କୋରାପୁଟ ଜିଲାରେ ଲଗାଣ ବର୍ଷା ଲାଗି ରହିଛି। ବର୍ଷା ଯୋଗୁ ସବୁ ୱାର୍ଡ(୨୫)ରେ ମଶାଙ୍କ ଉପଦ୍ରବ ବୃଦ୍ଧି ଘଟିଛି। ଏହାକୁ ନେଇ ପୌରବାସୀ ଚିନ୍ତାରେ ପଡିଛନ୍ତି। ଦିନକୁ ଦିନ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆର ବଢୁଥିବାରୁ ଏହାର ମୁକାବିଲା ନେଇ ପୌର ପ୍ରଶାସନ ପଦକ୍ଷେପ ନ ନେଇ ନୀରବ ରହିଛି। ପ୍ରଶାସନ ପକ୍ଷରୁ ଡ୍ରେନ୍‌ଗୁଡିକ ସଫେଇ ହେଉ ନାହିଁ କି ବ୍ଲିଚିଂ ପାଉଡର ପକାଯାଉନାହିଁ। ଏଥିସହ ମଶାଧୂଆଁ ମଧ୍ୟ ପୌର ପରିଷଦ ଦେଉ ନ ଥିବା ବିଭିନ୍ନ ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୌର ପ୍ରଶାସନକୁ କେବଳ ନିଜ ଅଧିକାରୀ ଓ କର୍ମଚାରୀଙ୍କ ଚିନ୍ତା ଘାରିଛି। ପୌର ଅଧିକାରୀ ଓ କର୍ମଚାରୀ ରହୁଥିବା କଲୋନିରେ ମଶା ଓ ଡାଇରିଆରୁ ବଞ୍ଚିବାକୁ ମଶା ଧୂଆଁ ଦିଆଯାଉଛି। ସହ ମଶାତେଲ ଓ ବ୍ଲିଚିଂ ପକାଯାଉଥିବା ଦେଖିବାକୁ ମିଳୁଛି। ଏନେଇ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କେବଳ ପୌର କର୍ମଚାରୀ ହିଁ ମଶା ମାଛି ଦାଉରୁ ରକ୍ଷା ପାଇବେ। ଆଉ ସମସ୍ତେ ମ୍ୟାଲେରିଆରେ ଆକ୍ରାନ୍ତ ହେବେ କି ବୋଲି ୱାର୍ଡବାସୀ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ସୁନାବେଡ଼ା ପୌର ଅଧକ୍ଷ ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସହରର ବିଭିନ୍ନ ୱାର୍ଡରେ ମଶା ଧୂଆଁ ଦିଆଯାଉଛି। ତା’ଛଡ଼ା ଯେହେତୁ ବର୍ଷା ଲାଗି ରହିଛି ସେଥିପାଇଁ ବର୍ତ୍ତମାନ ଧୂଆଁ ଦେଇହେଉନାହିଁ। ହାଲ୍ ଟାଉନଶିପ, ସେମିଳିଗୁଡ଼ା ଓ ଅନ୍ୟ କେତେକ ଜାଗାରେ ବ୍ଲିଚିଂ ସହ ମଶା ତେଲ ପଡୁଥିବା ସେ କହିଛନ୍ତି।

## ୩ ଗାଡ଼ିକୁ ୧ ଲକ୍ଷ ୩୦ ହଜାର ଜରିମାନା

**ପଥର ଚୋରା ଚାଲାଣ**

ସେମିଳିଗୁଡ଼ା/ସୁନାବେଡ଼ା,୨୪।୭(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)-କୋରାପୁଟ ଜିଲା ସେମିଳିଗୁଡ଼ା ଅଞ୍ଚଳରେ ଖଣି ବିଭାଗ ଓ ପୋଲିସ ମିଳିତ ଚଢ଼ାଉ କରି ୩ ଗାଡ଼ିକୁ ଜରିମାନା କରିଛନ୍ତି। ସେମିଳିଗୁଡ଼ା ନାଲ୍‌କୋ ଛକଠାରୁ ଦାମନଯୋଡ଼ି ଯିବା ରାସ୍ତାରେ ଉଭୟ ଟିମ୍ ଜଗି ରହିଥିଲେ। ବେଆଇନ ଭାବେ ପଥର ଚାଲାଣ କରୁଥିବା ୩ ଗାଡ଼ି ଆସିବାରୁ ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ସେମାନଙ୍କ ନିକଟରେ ଆବଶ୍ୟକ କାଗଜପତ୍ର ନ ଥିବାରୁ ଏହି ୩ ଗାଡ଼ି ଉପରେ ୧ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ପକାଯାଇଥିଲା। ଏହି ଚଢ଼ାଉରେ କୋରାପୁଟ ଖଣି ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ, ସେମିଳିଗୁଡ଼ା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଓ ସହକର୍ମୀ ସାମିଲ ହୋଇଥିଲେ।

## ଗବେଷଣାପତ୍ର ଲେଖିବା କଳା ସମ୍ପର୍କରେ ମତ ରଖିଲେ କୁଳପତି




କୋରାପୁଟ,୨୪।୭ ଅମିତାଭ ବେହେରା )

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସିୟୁଓ) ପକ୍ଷରୁ ଶୋଧ ଆନନ୍ଦଶାଳା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ବକ୍ତବ୍ୟ ରଖିଥିଲେ। ପଶ୍ଚିମ ମହାରାଷ୍ଟ୍ରର ଭାରତୀୟ ଶିକ୍ଷଣ ମଣ୍ଡଳ, ଯୁବ ଆୟମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ ମାଧ୍ୟମରେ ଦେଶର ଶତାଧିକ ପଣ୍ଡିତ ଯୋଗ ଦେଇଥିଲେ। ପ୍ରଫେସର ତ୍ରିପାଠୀ ତାଙ୍କ ଅଭିଭାଷଣରେ ଗବେଷଣା ପତ୍ର ଲେଖିବା କଳା ସମ୍ପର୍କରେ ମତ ରଖି ପ୍ରାସଙ୍ଗିକ ଗବେଷଣା ଦିଗ ଚୟନ କରିବା, ଦୃଢ଼ ପଦ୍ଧତି ପ୍ରୟୋଗ କରିବା ଏବଂ ଅନୁସନ୍ଧାନର ସତ୍ୟତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ପୁରୁଣା ଜିଲାପାଳ, ବିଇଓଙ୍କ କାର୍ଯ୍ୟାଳୟ ପରିସର ଜଳମଗ୍ନ



ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଣି।

ମାଲକାନଗିରି, ୨୪।୭(ଦୁର୍ଯ୍ୟୋଧନ ପାତ୍ର)

ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଣି ଜମିଥିବାରୁ, କର୍ମଚାରୀଙ୍କ ସହ କାର୍ଯ୍ୟାଳୟକୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ରୀଙ୍କ ଅଭିଭାବକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ ଭାବରେ ମହିଳାମାନଙ୍କୁ ଅଧିକ ସମସ୍ୟା ହେଉଛି। ଅଫିସ ପ୍ରବେଶ ଦ୍ୱାର ସମ୍ମୁଖରେ କାଦୁଅ ହୋଇଯିବାରୁ, କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗୋଡ଼ ଖସି ପଡ଼ିଯାଇଥିବା ଦେଖିବାକୁ ମିଳିଛି। ରହିଛି। ବର୍ଷା ହେଲେ ଏମିତି ପରିସ୍ଥିତି ସୃଷ୍ଟି ହୁଏ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହିତ, ଅନ୍ୟାନ୍ୟ କର୍ମଚାରୀ ତଥା କାର୍ଯ୍ୟାଳୟକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ କହିଛନ୍ତି। ଏହି ବିଷୟରେ ମାଲକାନଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ପୌର ପରିଷଦକୁ ଅବଗତ କରାଯାଇଥିଲେ ମଧ୍ୟ ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସମସ୍ତ କର୍ମଚାରୀଙ୍କ ସହିତ, ଏଠାକୁ ଆସୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ ମାନେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି। ଜିଲା ଶ୍ରମ ଅଧିକାରୀ, ଶିଶୁ ସୁରକ୍ଷା, ସମନ୍ୱିତ ଶିଶୁ ବିକାଶ, ଶିଶୁ ମଙ୍ଗଳ, ମୃତ୍ତିକା ସଂରକ୍ଷଣ, ଜିଲା ପଞ୍ଚାୟତ କାର୍ଯ୍ୟାଳୟ ଇତ୍ୟାଦି ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛି। କାର୍ଯ୍ୟାଳୟକୁ ଆସୁଥିବା ପଦାଧିକାରୀ, କର୍ମଚାରୀ ଓ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହାର ସମାଧାନ ନିମନ୍ତେ ପ୍ରଶାସନକୁ ଜନସାଧାରଣ ଅନୁରୋଧ କରିଛନ୍ତି ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର, ବର୍ତ୍ତିଲେ ଭିନ୍ନକ୍ଷମ ଯୁବତୀ



ଭୁଶୁଡ଼ି ପଡିଥିବା ଘର।

ପଡିଆ, ୨୪।୭(ଭାସ୍କର ରାଓ)

ଗତ ୬ଦିନ ଧରି ମାଲକାନଗିରି ଜିଲାରେ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଏଥିରେ ବିଭିନ୍ନ ସ୍ଥାନରେ ବହୁକ୍ଷୟ କ୍ଷତି ହୋଇଛି। ତେବେ ପଡିଆ ବ୍ଲକ୍ ମାଟେରୁ ପଞ୍ଚାୟତ ଝିଲିଗୁଡା ଗ୍ରାମରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡିଥିବା ଦେଖିବାକୁ ମିଳିଛି। ଝିଲିଗୁଡା ଗ୍ରାମର ସିଙ୍ଗା ବେଟିଙ୍କ କନ୍ୟା ଦେବେ ବେଟି ଭିନ୍ନକ୍ଷମ। ରାତିରେ ଶୋଇଥିବା ସମୟରେ ଲଗାଣ ବର୍ଷା ଯୋଗୁ ଟିଣଛପର ଝାଟିମାଟି ଘର ହଠାତ୍ ଭୁଶୁଡି ପଡିଥିଲା । ଫଳରେ ଦେବେ ଘରର ଗୋଟିଏ କୋଣରେ ଶୋଇଥିବାରୁ ବର୍ତ୍ତିଯାଇଥିଲେ। ଖବର ପାଇ ପଡିଆ ଗ୍ରାମ ରୋଜଗାର ସେବକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ତାଙ୍କୁ ୨୦ କେଜି ଚାଉଳ, ୫୦୦ ଟଙ୍କା ପ୍ରଦାନ କରାଯିବା ସହ ତୁରନ୍ତ ଯୁବତୀଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଓ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜିଲିଗୁଡାର ପୂର୍ବତନ ସରପଞ୍ଚ ବୁଦ୍ରା କର୍ତ୍ତାମୀ କହିଛନ୍ତି।

## ସ୍ୱଚ୍ଛସାଥୀ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦେଲେ ଦାବିପତ୍ର



ମାଲକାନଗିରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମାଲକାନଗିରି,୨୪।୭(ଦୁର୍ଯ୍ୟୋଧନ ପାତ୍ର)

୧୦ଦଫା ଦାବି ନେଇ ସରକାରଙ୍କୁ ଘେରିଲେ ମାଲକାନଗିରି ଜିଲା ପୌରାଞ୍ଚଳ ଓ ବାଲିମେଳା ପୌର ପରିଷଦର ସ୍ୱଚ୍ଛସାଥୀ ଏବଂ ସୁପରଭାଇଜର। ନିର୍ବାଚନ ପୂର୍ବରୁ ୮ରୁ ୧୨ ହଜାର ଟଙ୍କା ଦରମା ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା, ହେଲେ ଏଯାଏ ତାହା କାର୍ଯ୍ୟକାରୀ ହେଲାନାହିଁ। ଫଳରେ ବୁଧବାର ଜିଲାର ସମସ୍ତ ସ୍ୱଚ୍ଛ ସାଥିମାନେ ଜିଲାପାଳଙ୍କୁ ଭେଟି ସରକାରଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ଦେଇଥିଲେ। ଏହି ଦାବିଗୁଡିକ ହେଲା ବର୍ଦ୍ଧିତ ଦରମା ସହ ଏରିଅର, ସମସ୍ତ ପ୍ରତିଶ୍ରୁତିକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ, ସର୍ବ ନିମ୍ନ ମଜୁରି ଅଣ ଦକ୍ଷତା ୪୫୦ ଦିଆଯିବା, ସ୍ଥାୟୀ ନିଯୁକ୍ତି ପ୍ରଦାନ ଆଦି ବିଷୟରେ ଦାବିପତ୍ର ଦେଇଛନ୍ତି । ଆଗାମୀ ଦିନରେ ସମସ୍ତ ଦାବି ପୂରଣ ନ ହେଲେ ୧୯ ତାରିଖରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ।

## ବିଏସ୍‌ଏଫ୍ ଗାଡ଼ି-ବାଇକ୍ ମୁହାଁମୁହିଁ: ଜଣେ ମୃତ, ଅନ୍ୟ ଜଣେ ଗୁରୁତର

ଚିତ୍ରକୋଣ୍ଡା, ୨୪।୭(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ବୁଧବାର ବିଏସ୍‌ଏଫ୍ ଗାଡ଼ି-ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତରଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ବିଏସ୍‌ଏଫ୍ ଗାଡ଼ିଟି ପଞ୍ଜାବୀ ଛକ ପଟୁ ମୁଖ୍ୟ ରାସ୍ତାରେ ଆସୁଥିବା ବେଳେ ବସ୍‌ଷ୍ଟାଣ୍ଡ ପଟୁ ଆସୁଥିବା ଏକ ବାଇକ୍ ସହ ମୁଖ୍ୟ ରାସ୍ତା ଆର୍‌ଆଇ ଅଫିସ ଆଗରେ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍‌ରେ ବସିଥିବା ଦୁଇଜଣ ଛିଟିକି ପଡ଼ିଥିଲେ। ଉଭୟଙ୍କୁ ସଙ୍ଗେ ସଙ୍ଗେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠି ଡାକ୍ତର ରାଜେଶ ଖରାଙ୍କୁ ମୃତ ଘୋଷଣା କରିଥିବା ବେଳେ ରାହୁଲ ସଗରିଆଙ୍କୁ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବାଇକ୍ ନେଇ ଯାଉଥିବା ୨ ଜଣ ଚିତ୍ରକୋଣ୍ଡା ବ୍ୟାଙ୍କ ଲାଇନ୍‌ର। ଚିତ୍ରକୋଣ୍ଡା ଥାନାରେ ନଂ.୧୩୭/୨୪ରେ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ବିଏସ୍‌ଏଫ ତରଫରୁ ଉଭୟ ପରିବାରଙ୍କୁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି।

## ୱାର୍ଡ କୋଅର୍ଡିନେଟରଙ୍କୁ କାର୍ଯ୍ୟରେ ନିୟୋଜିତ, ଦରମା ପ୍ରଦାନ ଦାବି

### ଦାବି ପୂରଣ ନ ହେଲେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ଚେତାବନୀ

କୋରୁକୋଣ୍ଡା, ୨୪।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସିରେ ବୁଧବାର ନିର୍ବାହୀ ଅଧିକାରୀଙ୍କୁ ଚୟନ ହୋଇଥିବା ୱାର୍ଡ କୋଅର୍ଡିନେଟରମାନଙ୍କୁ କାର୍ଯ୍ୟରେ ନିୟୋଜିତ ଓ ଦରମା ପ୍ରଦାନ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ସହରାଞ୍ଚଳ ମହିଳାଙ୍କୁ ରୋଜଗାରକ୍ଷମ କରିବା ସହିତ ସ୍ୱାବଲମ୍ବୀ ହେବା ନିମନ୍ତେ ୨୦୨୨ରେ ବିଭିନ୍ନ ସରକାରୀ ସେବା ଓ ସହାୟତା ଯୋଗାଇଦେବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମିଶନଶକ୍ତି ଜରିଆରେ ସମସ୍ତ ୱାର୍ଡରେ କୋଅର୍ଡିନେଟର ନିଯୁକ୍ତି ପାଇଁ ଏନ୍‌ଏସିକୁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଆସିଥିଲା। ସେହି ଅନୁସାରେ ଶିକ୍ଷାଗତ ଯୋଗ୍ୟତା ଆଧାରରେ ୱାର୍ଡ କୋଅର୍ଡିନେଟର ଚୟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବାଲିମେଳା ଏନ୍‌ଏସିରେ ୧୨ ୱାର୍ଡରୁ ୯ ୱାର୍ଡରେ କୋଅର୍ଡିନେଟର ଚୟନ ହୋଇଯାଇଥିଲେ ମଧ୍ୟ ସେମାନଙ୍କୁ ଏ ଯାଏ ନିଯୁକ୍ତି କାହିଁକି ଦିଆଯାଇନାହିଁ ବୋଲି ଦାବି କରିବା ସହିତ ସେମାନଙ୍କର ଦରମା ମଧ୍ୟ ଦିଆଯାଉନାହିଁ। ତେଣୁ ବାଲିମେଳା ୯ଟି ୱାର୍ଡର ମହିଳା କୋଅର୍ଡିନେଟରମାନେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିର୍ବାହୀ ଅଧିକାରୀ ରାଜେଶ କୁମାର ପାଣିଗ୍ରାହୀଙ୍କ ଜରିଆରେ ଦାବିପତ୍ର ଦେଇଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ୨୯ ତାରିଖରେ ବିଧାନସଭା ଆଗରେ ଗଣ ବିକ୍ଷୋଭ କରିବା ପାଇଁ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଚୟନ ହୋଇଥିବା ୱାର୍ଡ କୋଅର୍ଡିନେଟର ଝୁନୁ ରାଣୀ ସାହୁ, ସାଗରିକା ପଟ୍ଟନାୟକ, ସୁପ୍ରଭା ପଣ୍ଡା, ବାସନ୍ତୀ ନାଗ, ରୁନୁ ନାୟକ, ଲକ୍ଷ୍ମୀ ଖରା,ସ୍ୱପ୍ନା ରାଉଳ ଓ ଝିଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚିତ୍ରକୋଣ୍ଡା, ୨୪।୭(କ୍ଷୀରୋଦ ବେହେରା)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା ଛାତ୍ରୀ ସମୂହ ଏବଂ ଯୁକ୍ତ ୨ ବିଜ୍ଞାନ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସୌମ୍ୟ ରଞ୍ଜନ ଦାସଙ୍କୁ ନେଇ ଆୟୋଜିତ ସଭାରେ ନୂତନ ପ୍ରଧାନ ଶିକ୍ଷକ ଭାବେ କମ୍ ଦିନ ହେଲା ଯୋଗ ଦେଇଥିବା ଅଜିତ ମାଡ଼କାମିଙ୍କୁ ସ୍ୱାଗତ କରାଯାଇଥିଲା । ମାଲକାନଗିରି ଭଳି ଉପାନ୍ତ ଦୁର୍ଗମ ଅଞ୍ଚଳରେ ତ୍ରିପାଠୀ ୩୪ ବର୍ଷ ଶିକ୍ଷକତା କରି ଅବସର ନେଇଛନ୍ତି । ସରଳ, କର୍ତ୍ତବ୍ୟନିଷ୍ଠ, ମିଷ୍ଟଭାଷୀ, ପରୋପକାରୀ, ସ୍ନେହୀ ମଣିଷ ସେ । ମାଲକାନଗିରିର ତତ୍କାଳୀନ ଜିଲାପାଳ ମନୀଷ ବର୍ମାଙ୍କଠାରୁ ଟିଚର ଆୱାର୍ଡ ପାଇଥିବା ବେଳେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ରବି ନନ୍ଦଙ୍କଠାରୁ ସେ ଟିଚର ଆୱାର୍ଡ,୨୦୧୨ରେ ମାଲକାନଗିରି ବନଖଣ୍ଡରୁ ପ୍ରକୃତିବନ୍ଧୁ , ଖୋର୍ଦ୍ଧା ବାରଙ୍ଗ ସାହିତ୍ୟ ସଂସଦ ଦ୍ୱାରା ସଫଳ ପ୍ରଧାନ ଶିକ୍ଷକ ପୁରସ୍କାର ପାଇଛନ୍ତି । ତାଙ୍କଠାରୁ ଶିକ୍ଷା ଲାଭକରି ଉପାନ୍ତ ଅଞ୍ଚଳର ବହୁ ପିଲା କୃତିତ୍ୱ ଅର୍ଜନ କରିଛନ୍ତି।

## ଟୋଲା ବୋଝେଇ ଟ୍ରକ୍ ଓଲଟି ୯ ଶ୍ରମିକ ଆହତ



ମାଲକାନଗିରି, ୨୪।୭(ଦୁର୍ଯ୍ୟୋଧନ ପାତ୍ର)-ମାଲକାନଗିରି ଜିଲା ସଦର ବ୍ଲକ ପାଣ୍ଡ୍ରିପାଣିଠାରୁ ପଦ୍ମଗିରି ଅଭିମୁଖେ ଯାଉଥିବା ଏକ ଟୋଲା ବୋଝେଇ ଟ୍ରକ୍ ଓଲଟି ୯ ଶ୍ରମିକ ଆହତ ହୋଇଛନ୍ତି। ପେଡାକୋଣ୍ଡା ନିକଟରେ ଭାରସାମ୍ୟ ହରାଇ ମୁଖ୍ୟରାସ୍ତା କଡରେ ଓଲଟି ପଡିଥିଲା। ଫଳରେ ଟ୍ରକ୍ ଉପରେ ବସିଥିବା ୯ ଶ୍ରମିକ ଗାଡି ଉପରୁ ପଡିଯାଇଥିଲେ। ସ୍ଥାନୀୟ ଲୋକ ଶ୍ରମିକମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ଏହି ୯ ଜଣଙ୍କ ମଧ୍ୟରୁ ଜଣେ ଗୁରୁତର ଥିବା ଜଣାପଡିଛି।

